# NATIONAL NEWS BULLETIN (ODIA)
## 6 April - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନ୍‌ରେ ପରିଣତ ହେଲା ୱାକଫ୍ ସଂଶୋଧନ ବିଧେୟକ ।
- ଭାରତ ସହାୟତାରେ ଶ୍ରୀଲଙ୍କାରେ ନିର୍ମିତ ରେଳପ୍ରକଳ୍ପର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ବିଭିନ୍ନ ସ୍ଥାନରେ ଧାର୍ମିକ ଉତ୍ସାହ ଓ ଭକ୍ତିର ସହ ପାଳିତ ହେଉଛି ରାମନବମୀ ପର୍ବ ।
- ରାମେଶ୍ୱରକୁ ସଂଯୋଗ କରୁଥିବା ନୂଆ ପମ୍ବନ ରେଳସେତୁର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଓ ଦିଲ୍ଲୀ କ୍ୟାପିଟାଲ ବିଜୟୀ ।

## ପ୍ରେଜ୍-ଓ୍ୱାକଫ୍ ବିଲ୍

ଓ୍ୱାକଫ୍ ସଂଶୋଧନ ବିଧେୟକ ୨୦୨୫କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହୋଇଛି ।

ଗତ ଗୁରୁବାର ଦିନ ଲୋକସଭାରେ ଏହି ବିଧେୟକକୁ ମଞ୍ଜୁରୀ ମିଳିଥିଲା । ୨୮୮ଜଣ ସଦସ୍ୟ ଏହାର ସପକ୍ଷରେ ଭୋଟ୍ ଦେଇଥିବାବେଳେ ୨୩୨ଜଣ ଏହାକୁ ବିରୋଧ କରିଥିଲେ । ସେହିପରି ରାଜ୍ୟସଭାରେ ଶୁକ୍ରବାର ଦିନ ଏହି ବିଧେୟକକୁ ମଞ୍ଜୁରୀ ମିଳିଥିଲା । ରାଜ୍ୟସଭାରେ ବିଲ୍ ସମର୍ଥନରେ ୧୨୮ଜଣ ଓ ବିରୋଧରେ ୯୫ଜଣ ଭୋଟ୍ ଦେଇଥିଲେ ।

ଓ୍ୱାକଫ୍ ସଂଶୋଧନ ବିଧେୟକ ସମେତ ରାଷ୍ଟ୍ରପତି ମୁସଲମାନ ଓ୍ୱାକଫ୍ ରଦ୍ଦ ବିଲ୍‌କୁ ମଧ୍ୟ ଅନୁମୋଦନ ଦେଇଛନ୍ତି ।

## ପିଏମ୍-ଅନୁରାଧା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅନୁରାଧାପୁରା ଗସ୍ତ କରିବେ । ଶ୍ରୀ ମୋଦୀ ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ମିଳିତଭାବେ ଭାରତ ସହାୟତାରେ ନିର୍ମିତ ରେଳ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ରେଳପ୍ରକଳ୍ପ ଦ୍ୱାରା ଶ୍ରୀଲଙ୍କାର ଉତ୍ତର ଭାଗରୁ ରାଜଧାନୀ

କଲମ୍ବୋ ପର୍ଯ୍ୟନ୍ତ ସୁରକ୍ଷିତ ଯାତ୍ରା କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପ । ଶ୍ରୀ ମୋଦୀ ଜୟାଶ୍ରୀ ମହାବୋଧିମନ୍ଦିର ପରିଦର୍ଶନରେ ଯିବେ ।

ଗତକାଲି ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ଦିଶାନାୟକେଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ଦୁଇଦେଶର ବନ୍ଧୁତ୍ୱର ପ୍ରତୀକ ଭାବେ ମିତ୍ର ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗତକାଲିର କାର୍ଯ୍ୟକ୍ରମରେ ଉଭୟ ଦେଶ ମଧ୍ୟରେ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଉଭୟ ନେତା ଭାରତ ସମର୍ପିତ ପ୍ରକଳ୍ପ ଗୁଡ଼ିକ ଉନ୍ମୋଚନ କରିଥିଲେ ।

**V/O**

ଆଜି ଶ୍ରୀ ମୋଦୀ ତିନିଦିନିଆ ଶ୍ରୀଲଙ୍କା ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ।

## ରାମନବମୀ

ଆଜି ଦେଶର ବିଭିନ୍ନ ସ୍ଥାନରେ ଧାର୍ମିକ ଉତ୍ସାହ ଓ ଭକ୍ତିର ସହ ରାମନବମୀ ପାଳନ କରାଯାଉଛି । ଏହି ପର୍ବରେ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାରରେ ଭଗବାନ ରାମଙ୍କ ଜନ୍ମକୁ ପାଳନ କରାଯାଇଥାଏ । ଚୈତ୍ର

ମାସର ନବମ ତିଥିରେ ରାମନବମୀ ପାଳନ କରାଯାଏ । ଏହାପୂର୍ବରୁ ହିନ୍ଦୁମାନେ ୯ ଦିନ ବ୍ୟାପୀ ନବରାତ୍ର ବ୍ରତ ରଖିଥାନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାମନବବମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଏହି ପର୍ବ ଭଗବାନ ରାମଙ୍କ ଜନ୍ମବାର୍ଷିକୀକୁ ସୂଚାଇଥାଏ । ଭଗବାନ ରାମଙ୍କ ମହତ୍‌ବାଣୀ ଓ ଜୀବନଯାତ୍ରା ସମସ୍ତଙ୍କୁ ସତ୍ୟ, ଧର୍ମ ଏବଂ ନୈତିକତାର ମାର୍ଗ ଅନୁସରଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ । ରାଷ୍ଟ୍ରପତି କହିଛନ୍ତି ଏହି ଉତ୍ସବ ସମର୍ପଣ ଏବଂ ପ୍ରତିବଦ୍ଧତା ସହିତ ମାନବିକତାର ସେବା କରିବାର ବାର୍ତ୍ତା ପ୍ରଦାନ କରିଥାଏ । ଶ୍ରୀମତୀ ମୁର୍ମୁ ଏହି ଅବସରରେ ଲୋକମାନଙ୍କୁ ତ୍ୟାଗ ଏବଂ ନିଃସ୍ୱାର୍ଥପର ଭଲପାଇବା ଓ ପ୍ରତିବଦ୍ଧତାର ମୂଲ୍ୟବୋଧକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

## ଅଯୋଧ୍ୟା ରାମନବମୀ

ଅଯୋଧ୍ୟାରେ ଭଗବାନ ଶ୍ରୀରାମଙ୍କ ଜୟନ୍ତୀ ପାଳନ ପାଇଁ ବିଶ୍ୱର କୋଣଅନୁକୋଣରୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି । ରାମନବମୀ ପର୍ବ ଉପଲକ୍ଷେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଭଗବାନ ରାମଙ୍କ ଜୟନ୍ତୀ ପାଳନ ପାଇଁ ରାମନଗରୀ ଅଯୋଧ୍ୟାକୁ ପ୍ରସ୍ତୁତ କରାଯାଇଥିବାବେଳେ ରାମଲାଲାଙ୍କ ଦର୍ଶନ ପାଇଁ ଶ୍ରୀରାମ ଜନ୍ମଭୂମି ମନ୍ଦିରକୁ ସ୍ୱତନ୍ତ୍ର ଫୁଲରେ ସଜାଯାଇଛି । ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ସୂଚନା ଦେଇଛନ୍ତି, ରାମଲାଲାଙ୍କୁ ରାମନବମୀରେ ଛପନ ଭୋଗ ଅର୍ପଣ କରାଯିବ । ମଧ୍ୟାହ୍ନ ୧୨ଟାରେ ରାମଲାଲାଙ୍କ ମଥାରେ ସ୍ୱତନ୍ତ୍ର ସୂର୍ଯ୍ୟତିଳକ ଲଗାଯିବ । ଏହି ପ୍ରକ୍ରିୟା ୪ ମିନିଟ୍ ଧରି ଚାଲିବ । ଏହି ଐତିହାସିକ ମୁହୂର୍ତ୍ତକୁ ଏକ ବିଶେଷଜ୍ଞ ଦଳ ପରିଚାଳନା କରିବେ ଏବଂ ଏହାକୁ ସମଗ୍ର ବିଶ୍ୱରେ ସିଧା ପ୍ରସାରଣ କରାଯିବ । ଚଳିତଥର ଡ୍ରୋନ୍ ଜରିଆରେ ସରଜୁ ନଦୀର ଜଳ ଭକ୍ତଙ୍କ ଉପରେ ସିଞ୍ଚନ କରାଯିବ । ଆଜି ସଂଧ୍ୟାରେ ଦୀପୋତ୍ସବ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ରାମପଥରେ ଅସ୍ଥାୟୀ ଶିବିର ସମେତ ୨୪୩ଟି ସ୍ଥାନରେ ପାନୀୟଜଳର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ସାଧାରଣ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ ସ୍ୱତନ୍ତ୍ର ପାସ୍ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି ।

## ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବ୍ୟବସ୍ଥା ଲାଗୁହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୧ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇବ । ଗତକାଲି ଚେନ୍ନାଇରେ ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ ଅର୍ଥମନ୍ତ୍ରୀ ସୀତାରମଣ

କହିଛନ୍ତି ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଦେଶର ଘରୋଇ ସକଳ ଉତ୍ପାଦ - ଜିଡିପି ୪ ଦଶମିକ ୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ । ସେ କହିଛନ୍ତି ୨୦୧୯ ଲୋକସଭା ନିର୍ବାଚନ ପାଇଁ ୧ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏକାକାଳୀନ ନିର୍ବାଚନ ହେଲେ ୧୨ହଜାର କୋଟି ଟଙ୍କା ସଞ୍ଚୟ କରାଯାଇ ପାରିବ ।

# ପିଏମ୍-ପମ୍ବନ ଇନାଗ୍ରୁସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁରେ ରାମନବମୀ ଅବସରରେ ରାମେଶ୍ୱରମକୁ ସଂଯୋଗ କରୁଥିବା ନୂତନ ପମ୍ବନ ରେଲସେତୁକୁ ଉଦ୍‌ଘାଟନ କରିବେ । ଦେଶର ପ୍ରଥମ ଭଟିକାଲ ଲିଫ୍ଟ ସମୁଦ୍ର ସେତୁ ଭାବେ ପମ୍ବନ ବ୍ରିଜ୍‌ର ଲମ୍ବ ୨ କିଲୋମିଟର ରହିଛି । ଆଜି ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଗସ୍ତରୁ ଆସି ପହଞ୍ଚିବା ପରେ ଏହି ଉଦ୍‌ଘାଟନ କରିବେ । ଗତକାଲିଠାରୁ ରାମେଶ୍ୱରମରେ ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଡକ୍ଟର ଏଲ୍ ମୁରୁଗାନ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରୁଛନ୍ତି । ଏହି ସେତୁ ନିର୍ମାଣ ଲାଗି ୫୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୮ହଜାର ୩୦୦ କୋଟି ଟଙ୍କାର ରେଳ ଓ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ମଧ୍ୟ ଶ୍ରୀ ମୋଦୀ ରାମେଶ୍ୱରମ ତାମ୍ବରମ୍ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ । ଗସ୍ତକାଳରେ ପ୍ରଧାନମନ୍ତ୍ରୀ ରାମଶ୍ୱେରମ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବେ ବୋଲି ଜଣାପଡିଛି ।

# ଅମିତ ଶାହା-ଜେକେ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁକାଶ୍ମୀର ଗସ୍ତ କରିବେ । ସେଠାରେ ଶ୍ରୀ ଶାହା ସୁରକ୍ଷା ଶିବିର ସମୀକ୍ଷା କରିବା ପରେ ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ତିନିଦିନିଆ ଗସ୍ତ କାଳରେ ସେ ଜାମ୍ମୁରେ ବିଜେପି ବିଧାୟକମାନଙ୍କୁ ଭେଟିବା ସହ ଏକୀକୃତ ମୁଖ୍ୟାଳୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମୀକ୍ଷା ଏବଂ ଶ୍ରୀ ଅମରନାଥ ଯାତ୍ରାର ବାର୍ଷିକ ତୀର୍ଥଯାତ୍ରା ନିମନ୍ତେ ଆୟୋଜନ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରିବେ ।

ଆଜି ଅପରାହ୍ଣରେ ଶ୍ରୀ ଶାହା ଜାମ୍ମୁରେ ପହଞ୍ଚିବା ପରେ ୨୮ଜଣ ଦଳୀୟ ବିଧାୟକଙ୍କ ସହ ବୈଠକ କରିବେ । ବୈଠକରେ ବର୍ତ୍ତମାନ ସରକାରଙ୍କ ପ୍ରଥମ ବଜେଟ୍ ଅଧିବେଶନରେ ବିଧାନସଭାରେ ସେମାନଙ୍କ ପ୍ରଦର୍ଶନର ସମୀକ୍ଷା କରିବେ । ଅନ୍ୟପକ୍ଷରେ ଶ୍ରୀ ଶାହା ବିଧାନସଭାର ବିଜେଟ୍ ଅଧିଶେନ ସମ୍ପର୍କରେ ବିଧାୟକମାନଙ୍କ ଠାରୁ ମତାମତ ଗ୍ରହଣ କରିବେ ବୋଲି ଜଣାପଡିଛି ।

ଆସନ୍ତାକାଲି ଅପରାହ୍ଣରେ ଶ୍ରୀ ଶାହା ଶ୍ରୀନଗର ଅଭିମୁଖେ ଯାତ୍ରା କରିବେ । ସେଠାରେ ବିଭିନ୍ନ ସମୀକ୍ଷା ବୈଠକରେ ଯୋଗଦେବେ । ସେହିସବୁ ବୈଠକରେ ଉପରାଜ୍ୟପାଳ ମନୋଜ ସିହ୍ନା, ଗୃହ ମନ୍ତ୍ରଣାଳୟ,

ସେନା, ଅର୍ଦ୍ଧସାମରିକ ବାହିନୀ, ଜାମ୍ମୁକାଶ୍ମୀର ପୁଲିସ ଓ ଗୁଇନ୍ଦା ସଂସ୍ଥା ପ୍ରମୁଖମାନେ ଉପସ୍ଥିତ ରହିବେ । ଏହି ବୈଠକରେ ଆତଙ୍କବାଦ ବିରୋଧୀ ଅଭିଯାନ, ସୀମା ପାର୍ ଅନୁପ୍ରବେଶ ଉଦ୍ଦେଶ୍ୟ ଓ ଜାମ୍ମୁକାଶ୍ମୀରରେ ସାମଗ୍ରିକ ସୁରକ୍ଷା ଉପରେ ଆଲୋଚନାହେବ ବୋଲି ଜଣାପଡିଛି । ଶ୍ରୀନଗରରେ ଶ୍ରୀ ଶାହା ଅନେକଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏପ୍ରିଲ ୮ ତାରିଖ ଦିନ ଶ୍ରୀ ଶାହା ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ଛତିଶଗଡର ଦନ୍ତେୱାଡାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମାଓବାଦୀମାନଙ୍କୁ ସମାଜରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଅନୁରୋଧ କରିଥିଲେ । ସେ କହିଥିଲେ...

**V/O**ଗତକାଲି ଛତିଶଗଡର ଦନ୍ତେୱାଡାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମାଓବାଦୀମାନଙ୍କୁ ସମାଜରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଅନୁରୋଧ କରିଥିଲେ । ସେ କହିଥିଲେ...

**V/O**

## ବିଜେପି ଫାଉଣ୍ଡେସନ ଡେ

ଭାରତୀୟ ଜନତା ପାର୍ଟି ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ବିଜେପି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜଗତ

ପ୍ରକାଶ ନଡ୍ଡା ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରିବେ । ଏହି ଅବସରରେ ଶ୍ରୀ ନଡ୍ଡା ବୁଥ୍‌ସ୍ତରୀୟ କର୍ମୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୫୦ ରନ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି । ଚଣ୍ଡିଗଡର ମହାରାଜା ଯାଦବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା । ଯଶସ୍ୱୀ ଜୟସ୍ୱାଲ ୪୫ଟି ବଲ୍‌ରୁ ସର୍ବାଧିକ ୬୭ରନ୍ ସଂଗ୍ରହ କରିଥିବାବେଳେ ପଞ୍ଜାବ କିଙ୍ଗ୍‌ସର ଲୁକ୍ ଫର୍ଗୁସନ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ପଞ୍ଜାବ କିଙ୍ଗ୍‌ସ ୯ ୱିକେଟ୍ ବିନିମୟରେ ମାତ୍ର ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଥିଲା । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୮୩ ରନ୍

ସ୍କୋର୍ କରିଥିବାବେଳେ ଚେନ୍ନାଇ ସୁପର କିଙ୍ଗ୍ସ ସମାନ ସଂଖ୍ୟକ ଓଭରରେ ୫ ଓ୍ୱିକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଆଜି ସଂଧ୍ୟା ସାଢ଼େ ୭ଟାରେ ହାଇଦ୍ରାବାଦରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଗୁଜୁରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟନ୍ସ ୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ।